# ସମ୍ବାଦ କଳିଙ୍ଗ

୨୯ ସେପ୍ଟେମ୍ବର ୨୦୦୭ ଶନିବାର


## ବାଟବଣା ଚଢ଼େଇଙ୍କ...

ବାସନ୍ତୀ ରଣା (ସୋରୋ), ଝରଣା (ଝାରସୁଗୁଡ଼ା), ବୈଦହୀ (ବଲାଙ୍ଗିର) ପାଗଳୀ ଭୋଇ ବୁଲୁଥିଲେ । ଲୋକଙ୍କ ଦ୍ୱାରା ପ୍ରତାରିତା, ଯୌନନିର୍ଯାତିତା ହେଉଥିଲେ । ହେଲେ ଆଜି ସୁସ୍ଥହୋଇ ସେମାନେ ନିଜ ସମ୍ପର୍କୀୟମାନଙ୍କ ସହ ଘରକୁ ଫେରିବାର ଦୃଶ୍ୟ ସୂଚନାଭବନ ଠାରେ ଲୋକଙ୍କ ଆଖିରେ ଲୁହ ଆଣିଦେଇଥିଲା । ଏମାନଙ୍କୁ ନିଜ ନିଜର ଘରେ ପହଞ୍ଚାଇବାର ସମସ୍ତ ପ୍ରସ୍ତୁତି ଶେଷକରି ଥିବାବେଳେ ବର୍ତ୍ତମାନ ଚିକିତ୍ସିତ ହେଉଥିବା ୧୨୦ ଜଣ ମହିଳାଙ୍କୁ ଯଥାଶୀଘ୍ର ଘରକୁ ଫେରାଇ ଦିଆଯିବ ବୋଲି ଅନୁଷ୍ଠାନର ମିଶନ ନିର୍ଦ୍ଦେଶକ ଗୋବିନ୍ଦ ପଟ୍ଟନାୟକ ସୂଚନା ଦେଇଥିଲେ । ଏହି ଦଳକୁ ମିଶାଇ ମିଶନ ଆଶ୍ରା ପକ୍ଷରୁ ୧୦୦ ଜଣ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ସୁସ୍ଥକରି ସେମାନଙ୍କ ଦୁନିଆକୁ ପଠାଇ ଦିଆଯାଇଛି ବୋଲି ଏହି ମିଳନ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ଅନୁଷ୍ଠାନର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଲିତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ସମାଜ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷା ପ୍ରଭାତୀ ପରିଡ଼ା, ଯୋଗାଣ ନିଗମର ଅଧ୍ୟକ୍ଷ ସୁଦୀପ୍ତ ରାୟ, ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।


ଓଡ଼ିଶା

# ଭାସ୍କର

ଶନିବାର, ୨୯ ସେପ୍ଟେମ୍ବର, ୨୦୦୭


## ରାସ୍ତାକଡ଼ର ମହିଳା ମାନସିକ ରୋଗୀ ସୁସ୍ଥ ହୋଇ ପରିବାରକୁ ଫେରିଲେ



ଭୁବନେଶ୍ୱର,(ଆ.ପ୍ର.): ମହିଳାମାନଙ୍କ ଦୁଃଖ ଯନ୍ତ୍ରଣାର ଅବସାନ ତଥା ରାସ୍ତାକଡ଼ର ଜୀବନରୁ ମୁକ୍ତି ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ 'ପିପୁଲସ ଫୋରମ'ର ମିଶନ ଆଶ୍ରା ତରଫରୁ ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନ ଠାରେ ୧୦୦ତମ ପୁର୍ନମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକ ସ୍ୱତନ୍ତ୍ର ଉତ୍ସବରେ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିଚୟ ବିହୀନ ମହିଳା ମାନଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ଉଦ୍ଧାର କରି ପୁର୍ନଜନ୍ମ ଦେବାରେ ମିଶନ ଆଶ୍ରା ଦେଶରେ ରେକର୍ଡ଼ ସ୍ଥାପନ କରିଛି । ରାସ୍ତା କଡ଼ର ଅସହାୟା ମହିଳା ମାନଙ୍କୁ ସୁସ୍ଥ କରି ପୁଣି ସେମାନଙ୍କୁ ସମାଜକୁ ଫେରାଇ ଆଣିବାରେ ମିଶନ ଆଶ୍ରାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ମିଶନ ଆଶ୍ରାର ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ଥଇଥାନ କାର୍ଯ୍ୟକାରୀ ଦଳ ସେମାନଙ୍କୁ ନିଜ ନିଜ ଘରେ ପହଁଞ୍ଚାଇବାର ସମସ୍ତ ପ୍ରସ୍ତୁତି ଶେଷ କରି ଥିବାବେଳେ ବର୍ତ୍ତମାନ ଚିକିତ୍ସିତ ହେଉଥିବା ୧୨୦ ଜଣ ମହିଳାଙ୍କୁ ଯଥା ଶୀଘ୍ର ଘରକୁ ଫେରାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଅନୁଷ୍ଠାନର ମିଶନ ନିର୍ଦ୍ଦେଶକ ଗୋବିନ୍ଦ ପଟ୍ଟନାୟକ ସୂଚନା ଦେଇଥିଲେ । ଆସନ୍ତା ମାସରେ ସାରା ରାଜ୍ୟରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ନିଜର ଉଜୁଡ଼ା ସଂସାରକୁ ସଜାଡ଼ି ପୁଣିଥରେ ନୂଆ ସ୍ୱପ୍ନରେ ଜୀବନ ଆରମ୍ଭକରିବାକୁ ଯାଉଥିବା ମହିଳାମାନେ ନିଜ ପରିବାରକୁ ଫେରିଥିଲେ । ସେମାନଙ୍କ ମଧ୍ୟରେ ଝାଡ଼ଖଣ୍ଡର ସୋମା, ମଧ୍ୟ ପ୍ରଦେଶର ମୀନା, ମେଦିନପୁରର ମୁସ୍କି ଟେମ୍ପୋ, ଗୋପାଳ ଗଞ୍ଜର ଆଶା, ଅସ୍ତରଙ୍ଗର ହରପ୍ରିୟା ପ୍ରଧାନ, ନଖରାର ସଂଜୁଦା, ଆଠଗଡ଼ର ମିନା ବେହେରା, ଟାଙ୍ଗୀର ହରପ୍ରିୟା ମହାନ୍ତି, ଢେଙ୍କାନାଳର ଅନୁ, ପୁରୀର ମଞ୍ଜୁଲତା, ବାଲେଶ୍ୱରର ପ୍ରଫୁଲ୍ଲି, ନିମାପଡ଼ାର ଗୀତା , ଜଗତସିଂହପୁରର ମାନୀ ରାଉତ, ସୋରର ବାସନ୍ତି ରଣା, ଝାରସୁଗଡ଼ାର ଝରଣା, ବଲାଙ୍ଗୀର ବୈଦେହୀ ପ୍ରମୁଖ ଘରକୁ ଫେରିଥିଲେ । ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଲିତ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ଚିତ୍ତରଂଜନ ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ଯୋଗାଣ ବିଭାଗ ଅଧ୍ୟକ୍ଷ ସୁଦିପ୍ତ ରାୟ ଓ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ ।